**ଲଗାଣ ବର୍ଷାରେ କାନ୍ଥ ଭାଙ୍ଗିଲା**

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମର ବିଧବା ମହିଳା ରୀନା ମୁଣ୍ଡାଙ୍କ ଦୁଇ ବଖରା ଖପର ଘର କାନ୍ଥ ଶୁକ୍ରବାର ଭାଙ୍ଗିଯାଇଛି। ତିନି ଦିନ ହେବ ଲଗାଣ ବର୍ଷା ଲାଗିରହିଥିବାରୁ ରୀନାଙ୍କ ଘର କାନ୍ଥ ପଡି ଯାଇଛି। ରୀନା ଜଣେ ଗରିବ ଶ୍ରେଣୀର ମହିଳା ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟାଜଳ

ବାଲିଆପାଳ, ୧୩।୮(ସ୍ୱ.ପ୍ର.)

ଉପରମୁଣ୍ଡରେ ଲଘୁଚାପ ଜନିତ ଲଗାଣବର୍ଷା ଫଳରେ ଶନିବାର ଅପରାହ୍ନଠାରୁ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ବିପଦସଂକେତ ଉପରେ ଜଳ ପ୍ରବାହିତ ହେଲେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ୫ଟି ପଞ୍ଚାୟତର ୨୦ରୁ ଅଧିକ ଗାଁ ବନ୍ୟା ପାଣିରେ ଜଳମଗ୍ନ ହେବା ସହିତ ବହୁ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯିବ। ନଦୀରୁ ପାଣି ବାହାରି ବିଷ୍ଣୁପୁର ପଞ୍ଚାୟତ ଅଧୀନ ରାମନଗର ରସଲପୁର ଗାଁ ରାସ୍ତାରେ ବନ୍ୟାପାଣି ପ୍ରବାହିତ ହେଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ସୁବର୍ଣ୍ଣରେଖା ନଦୀରେ ଥିବା ଗାଲୁଡ଼ିହା ଏବଂ ଚାନ୍ଦିଲି ବ୍ୟାରେଜରୁ ଜଳ ନିଷ୍କାସନ ପାଇଁ ଗାଲୁଡ଼ିହାରେ ୨ଟି ଏବଂ ଚାନ୍ଦିଲିରେ ଗୋଟିଏ ଗେଟ୍ ଖୋଲାଯାଇ ବ୍ୟାରେଜରୁ ଜଳ ନିଷ୍କାସନ କରାଯାଉଛି। ଫଳରେ ସୁବର୍ଣ୍ଣରେଖା ନଦୀରେ ବନ୍ୟାଜଳ ବୃଦ୍ଧି ପାଉଛି। ଶନିବାର ଅପରାହ୍ନ ୩ଟା ସୁଦ୍ଧା ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବନ୍ୟାଜଳ ୬.୯୪ରେ ପ୍ରବାହିତ ହେଉଥିବା ବେଳେ ସେଠାରେ ବିପଦସଙ୍କେତ ୧୦.୩୬ମିଟର ରହିଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟାଜଳ ବୃଦ୍ଧି ପାଇଲେ ବାଲିଆପାଳ ପଞ୍ଚାୟତର ବାଲିଆପାଳ ଗୁନାପୁର, ଆଠବାଟିଆ, ସୁଙ୍ଗମୁହଁ, କୁଦମାନସିଂ, ରାଉତୁରାପୁର, ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ, ଚରବସ୍ତ କାଳରୁଇ, ପଞ୍ଚରୁଖି, ବିଷ୍ଣୁପୁର ପଞ୍ଚାୟତ ବିଷ୍ଣୁପୁର, ରସଲପୁର, ନୟାବାଲି, ଇକଡ଼ପାଳ, କୁହ୍ଲା, ଜାମକୁଣ୍ଡା ପଞ୍ଚାୟତ ଜାମକୁଣ୍ଡା, କୁହ୍ଲାଚଡ଼, ତାଳପଦା ଏବଂ ଆସ୍ତି ପଞ୍ଚାୟତ ବଡ଼ାପାଳ, ପାରଦୀପା, ଶରଦ୍ଧାରସାହି, ଅସ୍ତି, ବଡ଼ ଖାନପୁର, ପାଳଚମ୍ପେଇ ଆଦି ଗ୍ରାମର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ସୁବର୍ଣ୍ଣରେଖା ନଦୀରେ ସେମିତି କିଛି ବନ୍ୟାର ଆଶଙ୍କା ନାହିଁ। ତଥାପି ବନ୍ୟା ପ୍ରତି ପ୍ରଶାସନ ସଜାଗ ରହିଛି। ଆବଶ୍ୟକ ହେଲେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ବାଲିଆପାଳ ବିଡ଼ିଓ ଦୀପକ କୁମାର ଦାଶ କହିଛନ୍ତି।


ରାମନଗର ରସଲପୁର ଗାଁ ରାସ୍ତାରେ ବନ୍ୟା ପାଣି।

# ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ

## ଧଳା, କଞ୍ଜୁଡ଼ି, ମନ୍ତେଇ, ଗମେଇ, କାଂଶବାଂଶ ନଦୀରେ ବନ୍ୟା

ପଦ୍ମପୁର, ୧୩।୮(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଦେଇ ପ୍ରବାହିତ ଧଳା, କଞ୍ଜୁଡ଼ି, ମନ୍ତେଇ, ଗମେଇ ଓ କାଂଶବାଂଶ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଏହି ନଦୀଗୁଡ଼ିକରେ ବନ୍ୟା ଫଳରେ ବ୍ଲକ ଅଧୀନ ପଦ୍ମପୁର, ସୁଗୋ, ଏଡ଼ତାଳ, ଜଗନ୍ନାଥପ୍ରସାଦ, ଲୁଙ୍ଗା, ଗୁଆଗଡ଼ିଆ, ବରଣ୍ଣୁଆ, ପାଟ ଏବଂ ନଈଘେରଦ ୭ ପଞ୍ଚାୟତର ଶତାଧିକ ହେକ୍ଟର ଚାଷଜମି ଏବେ ଜଳମଗ୍ନ। ଗତ ସପ୍ତାହେ ଧରି ଲଗାଣ ବର୍ଷା କାରଣରୁ ଚାଷୀମାନେ ପକାଇଥିବା ତଳି ପାଣିରେ ବୁଡ଼ି ରହି ପଚିବାକୁ ବସିଛି। ଉଠିଆ ଜୁଆର ହେତୁ ନଦୀଗୁଡ଼ିକରେ ପ୍ରବାହିତ ଜଳ ବଙ୍ଗୋପସାଗରକୁ ନିଷ୍କାସିତ ହୋଇପାରୁ ନାହିଁ।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗାମୀ ଦୁଇଦିନରେ ବର୍ଷା ବଢ଼ିବା ସହ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷିବ। ଚଳିତବର୍ଷ ଚାଷ ଆରମ୍ଭରେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀମାନେ ତଳି ପକାଇ ପାରି ନ ଥିଲେ। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ବିହନ ଅଧାରୁ ଅଧିକ ଗଜା ହେଲା ନାହିଁ ଯାହାକୁ ନେଇ ଚାଷୀମାନେ ବିଭିନ୍ନ ସମୟରେ ବ୍ଲକ କୃଷି କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବହୁ କଷ୍ଟରେ ବିହନ ସଂଗ୍ରହ କରି ତଳି ପକାଇ ବେଉଷଣ ପାଇଁ ପ୍ରସ୍ତୁତ ହେବା ବେଳକୁ ବର୍ଷା ଦାଉ ସାଧୁଛି। ବ୍ଲକରେ ମୋଟ ୩୩,୯୩୫ ହେକ୍ଟର ଚାଷ ଜମି ଥିବାବେଳେ ୧୭,୨୮୦ ହେକ୍ଟର ଜଳସେଚିତ ଓ ୧୬,୬୫୫ ହେକ୍ଟର ଅଣଜଳସେଚିତ ଜମି ରହିଛି। ଚଳିତବର୍ଷ ୩୨,୨୩୯ ହେକ୍ଟର ଜମିରେ ଧାନ ଚାଷ ହେବାକୁ ଥିବାବେଳେ ୧୦ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଛି। ଅନ୍ୟ ଜମିରେ ଧାନଚାଷ ସମୟରେ ବର୍ଷା ବାଧକ ସାଜିଛି। ଆଗକୁ ବର୍ଷା ବଢ଼ିଲେ ସମସ୍ତ ତଳି ପଚି ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏନେଇ ବ୍ଲକ କୃଷି ସହାୟକ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କହିଛନ୍ତି, ସ୍ଥିତି ଆୟତ୍ତରେ ଥିବାବେଳେ ବିଭାଗ ଆବଶ୍ୟକ ପଦକ୍ଷେପ ନେବ।


ପଦ୍ମପୁର ଅଞ୍ଚଳରେ ଚାଷଜମି ଜଳମଗ୍ନ।

## ସଂକ୍ଷେପରେ

### ଅପହୃତ ନାବାଳିକା ସୋରରୁ ଉଦ୍ଧାର ଅପହରଣକାରୀ ଗିରଫ

ବାସୁଦେବପୁର, ୧୩।୮(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ କୁମାରପୁର ଅଞ୍ଚଳରୁ ଗତ ଜୁଲାଇ ୨୭ରେ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଶନିବାର ବାଲେଶ୍ୱର ଜିଲା ସୋର ଅଞ୍ଚଳରୁ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ବାସୁଦେବପୁର ଥାନା ଅଧୀନ ମୋହନପୁର ଆଡ଼ିଆ ଗ୍ରାମର ପ୍ରଶାନ୍ତ କୁମାର ମଲିକ(୨୨)ଙ୍କୁ ପୋଲିସ ଗିରଫ କରିଛି। ଏନେଇ ବାସୁଦେବପୁର ଥାନାରେ ମାମଲା (ନଂ.୩୩୦/୨୨) ରୁଜୁ ହୋଇଛି।

### ବଦଳିଲେ ବେତନଟୀ ବିଡିଓ

ବୈଶିଙ୍ଗା,୧୩।୮ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବେତନଟୀ ବିଡିଓ ସଂଗ୍ରାମ କେଶରୀ ପରିଡ଼ାଙ୍କ ବଦଳି ହୋଇଛି। ପୂର୍ବରୁ ବେତନଟୀରେ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ପରିଡ଼ାଙ୍କୁ ଗତବର୍ଷ ଅକ୍ଟୋବରରେ ବିଡିଓ ଭାବେ ବଦଳି କରାଯାଇଥିଲା। ପରବର୍ତ୍ତୀ ସମୟରେ ତହସିଲଦାର ନିଯୁକ୍ତି କରାଯାଇ ନ ପାରିବାରୁ ତାଙ୍କୁ ଉଭୟ ତହସିଲଦାର ଏବଂ ବିଡିଓ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥିଲା। ଫଳରେ ଉଭୟ ବିଭାଗର କାର୍ଯ୍ୟ ଶୈଳୀରେ ଶିଥିଳତା ନେଇ ଅସନ୍ତୋଷ ଦେଖାଦେଇଥିଲା। ତେବେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଚିଠି ନଂ.୧୫୫୩୩/୨୨ ମୂଳେ ପରିଡ଼ାଙ୍କ ବଦଳି ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କୁ ରେମୁଣା ବ୍ଲକକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ରେମୁଣା ବିଡିଓ ଛବିରାଣୀ ସାହୁଙ୍କୁ ବେତନଟୀ ବ୍ଲକରେ କାର୍ଯ୍ୟଭାର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ମୋରମ ଖାଦାନରେ ପଡ଼ି ନାବାଳକଙ୍କ ମୃତ୍ୟୁ

ଆନନ୍ଦପୁର,୧୩।୮(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ରାମଚନ୍ଦ୍ରପୁର ଥାନା ସାଇଁକୁଳ ଗ୍ରାମ ନିକଟ ଏକ ମୋରମ ଖାଦାନରେ ପଡ଼ି ଭୂପତୀ ଭୁଷଣ ଯେନାଙ୍କ ପୁଅ ସୁଦୀପ୍ତ(୭)ଙ୍କ ମୃତ୍ୟୁ ଘଟିଛି। ସେ ଶୌଚ ହେବାକୁ ଯାଇଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସମୁଦ୍ରରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ

ରୂପସା, ୧୩।୮(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ପୋଲିସ ଶନିବାର ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହକୁ ସମୁଦ୍ରରୁ ଜବତ କରିଛି। ମୃତକ ହେଲେ ବାରିପଦା ଟାଉନ ଥାନା ହେମଚନ୍ଦ୍ରପୁର ଗାଁର ଭାନୁଚରଣ କିସ୍କୁ(୨୩)। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୨) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସେ ରଘୁନାଥ ଦାସଙ୍କ ବୋଟରେ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। ଗତ ୧୦ତାରିଖରେ ସେ ବୋଟରୁ ସମୁଦ୍ରକୁ ଖସିପଡ଼ି ନିଖୋଜ ଥିଲେ। ଶନିବାର ସମୁଦ୍ରରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ଏସଏନ୍ ଗିରି ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ବର୍ଷାପାଣିରେ ବୁଡ଼ିଲା ରାସ୍ତା


ପିଲାମାନେ ପାଣିରେ ପଶି ବିଦ୍ୟାଳୟକୁ ଯାଉଛନ୍ତି।

ବନ୍ତ, ୧୩।୮(ଡି.ଏନ.ଏ.)–ଭଦ୍ରକ ଜିଲା ବନ୍ତ ବ୍ଲକ ଶେଣ୍ଠତୀରା ପଞ୍ଚାୟତର ଚାରିପୋଖରିଆ ଓ ସଠତୀରା ଗ୍ରାମରେ ନିଷ୍କାସନ ପାଇଁ ନାଳ ନ ଥିବାରୁ ବର୍ଷାପାଣିରେ ୩ଶହ ମିଟର ରାସ୍ତା ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେବା ସହ ପିଲାମାନେ ପାଣିରେ ପଶି ବିଦ୍ୟାଳୟକୁ ଯାଉଛନ୍ତି। ଗ୍ରାମର ମଙ୍ଗଳା ମନ୍ଦିର ପାଣି ଘେରରେ ଥିବାବେଳେ କେତେକ ଲୋକଙ୍କ ଘରେ ପାଣି ପଶିଯାଇଛି। ବିଶେଷକରି ବେହେରା ସାହି, ମହାନ୍ତିସାହି, ବିଶ୍ୱାଳସାହି, ପାତ୍ରସାହି, ପଧାନସାହି, ପେଡାସାହି, ଜେନାସାହି, ସୁତାର ସାହିର ପ୍ରାୟ ୬ଶହ ଲୋକ ଅସୁବିଧା ଭୋଗୁଛନ୍ତି। ଗତ କିଛିଦିନ ଧରି ଲଘୁଚାପଜନିତ ବର୍ଷା ଲାଗି ରହିଛି। ପୂର୍ବରୁ ନିଷ୍କାସନ ପାଇଁ ଥିବା ନାଳକୁ ଲୋକେ ମାଟି ପକାଇ ଅବରୋଧ କରି ଦେଇଥିବା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମବାସୀ କହିଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

# ଜଳବନ୍ଦୀରେ ସହରବାସୀ

କେନ୍ଦୁଝର, ୧୩।୮ (ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସିତ ହୋଇ ନ ପାରି ଜମା ହୋଇ ରହିଥିବାରୁ ବର୍ଷା ପରେ ମଧ୍ୟ ଅନେକ ଅଞ୍ଚଳରେ ଲୋକେ ଦୁର୍ଦ୍ଦଶାରେ ରହୁଛନ୍ତି। ତ୍ରୁଟିପୂର୍ଣ୍ଣ ପ୍ଲାନିଂ ଏବଂ ଜବରଦଖଲ ତଥା ପ୍ରଶାସନର ଇଚ୍ଛା ଶକ୍ତି ଅଭାବରୁ ଏଭଳି ସମସ୍ୟା ସହରବାସୀ ଦୀର୍ଘ ବହୁ ବର୍ଷ ଧରି ଭୋଗୁଛନ୍ତି। ବିଶେଷ କରି ଜଗନ୍ନାଥପୁର, ବଳଦେବଜୀଉ, ସ୍ୱଞ୍ଚ କଲୋନୀର ହଜାର ହଜାର ଲୋକ ଏହା କାରଣରୁ ଅଧିକ ଅସୁବିଧା ଭୋଗୁଛନ୍ତି। ଏନେଇ ଶନିବାର ଉକ୍ତ ଅଞ୍ଚଳକୁ ବିଧାୟକ ମୋହନ ମାଝି ଯାଇ ବିଭିନ୍ନ ସମସ୍ୟା ବୁଲି ଦେଖିଛନ୍ତି। ତେବେ ପୌରପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ଅସୁବିଧା ଲୋକେ ଭୋଗୁଛନ୍ତି ବୋଲି ମାଝି କହିଛନ୍ତି ।

ବର୍ଷା ହେଲେ ପାଣି ନିଷ୍କାସିତ ହୋଇ ନ ପାରି ଅନେକ ସ୍ଥାନରେ ଜମା ହୋଇ ଲୋକଙ୍କ ଘରେ ପଶୁଥିବାରୁ ସାପ, ବେଙ୍ଗ ଭୟ ଲାଗିରହୁଛି। ଡ୍ରେନ, ପାର୍କ ଓ ପୋଖରୀ ନିର୍ମାଣରେ ପ୍ରଶାସନ କୋଟି କୋଟି ଟଙ୍କା ସାରୁଥିଲେ ହେଁ ଏଭଳି ସମସ୍ୟାକୁ ଅଣଦେଖା କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ବର୍ଷା ଦିନ ଆସିଲେ ଲୋକଙ୍କ ଦୁଃଖ ଆସେ । ପ୍ରଶାସନ ଏହାର ସ୍ଥାୟୀ ସମାଧାନ କରିବାକୁ ଆଗ୍ରହ ଦେଖାଉନାହାନ୍ତି। ପ୍ରତ୍ୟେକ ବର୍ଷ ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ କରୁଥିଲେ ହେଁ ସମସ୍ୟା ସମାଧାନ ହେଉନାହିଁ ସେସବୁ କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି।



# ଲିପିକାଙ୍କ ଜଳ ସଂରକ୍ଷଣ ପ୍ରକଳ୍ପ ଶ୍ରେଷ୍ଠ

ଖଇରା, ୧୩।୮(ଡି.ଏନ.ଏ.)

**୨୨ ଛାତ୍ରୀଛାତ୍ର ସଂକୁଳସ୍ତରକୁ ମନୋନୀତ**

ବାଲେଶ୍ୱର ଜିଲା ଅଧୀନ ଖଇରା ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ପାଳନ ଅବସରରେ ୭୫ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପ୍ରଧାନଆଚାର୍ଯ୍ୟ ଶଶିକାନ୍ତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ପିଲାମାନେ ନିଜର ଦକ୍ଷତା ଅନୁଯାୟୀ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ଚିତ୍ରାଙ୍କନ, ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରୟୋଗ, ବକ୍ତୃତାରେ ଅଂଶଗ୍ରହଣ କରିଥିଲେ। ମୋଟ ୨୨ ଛାତ୍ରୀଛାତ୍ର ସଂକୁଳସ୍ତରକୁ ମନୋନୀତ ହୋଇଛନ୍ତି । ଛାତ୍ରୀ ଲିପିକା ସୂତାରଙ୍କ ଜଳସଂରକ୍ଷଣ ପ୍ରକଳ୍ପ ଶ୍ରେଷ୍ଠ ମନୋନୀତ ହୋଇଛି। ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି, ମମତା ବାରିକ, ମନୋରମା ଗିରି, ଇତିଶ୍ରୀ ନାୟକ, ଦିପ୍ତିଶିଖା ପାଣି, ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ପଙ୍କଜ ମହାନ୍ତି, ବଳରାମ ଲେଙ୍କା ଓ ପ୍ରଭାକର ଓଝା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଲିପିକାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ।

# ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

ବାହାନଗା, ୧୩।୮(ଡି.ଏନ.ଏ.)

୧୬ ନମ୍ବର ଜାତୀୟ ରାଜପଥରୁ ଜଣେ ମହିଳାଙ୍କ ବେକରୁ ୩ଜଣ ଦୁର୍ବୃତ୍ତ ସୁନାଚେନ ଛଡାଇନେଇ ଫେରାର ହୋଇଯାଇଛନ୍ତି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଖେରଙ୍ଗ ଗ୍ରାମର ଜ୍ୟୋତିପ୍ରଭା ମାଝି ଜଣେ ସମ୍ପର୍କୀୟଙ୍କ ସହିତ ବାଇକ୍ ଯୋଗେ ସୋରରୁ ୧୬ନମ୍ବର ଜାତୀୟ ରାଜପଥ ବାହାନଗା ଦେଇ ଘରକୁ ଫେରୁଥିଲେ । ବିଦୁ ଡାପା ନିକଟସ୍ଥ ପେଟ୍ରୋଲ ପମ୍ପ ସାମ୍ନାରେ ପହଞ୍ଚିବା ପରେ ପଛପଟୁ ଏକ କଳାରଙ୍ଗର ପଲସରରେ ୩ଜଣ ଯୁବକ ଆସି ବେକରୁ ସୁନାଚେନ ଝାମ୍ପିନେଇ ବାଲେଶ୍ୱର ଆଡକୁ ଫେରାର ହୋଇଯାଇଥିଲେ। ଏନେଇ ମହିଳାଜଣକ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ନିକଟସ୍ଥ ଭାରତ ପେଟ୍ରୋଲପମ୍ପ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜକୁ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି।

# ବାତ୍ୟା ପ୍ରତିରୋଧକ ଲୁଣାବନ୍ଧ ପ୍ରକଳ୍ପରେ ଭଦ୍ରକ ସାମିଲ



ଖବରଦାତା ସମ୍ମିଳନୀରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୧୩।୮

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ବିଜେଡି**

ବିପର୍ଯ୍ୟୟ ମୁକାବିଲା ପାଇଁ ୭୬୩ କୋଟି ୪୮ ଲକ୍ଷ ଟଙ୍କାର ବାତ୍ୟା ପ୍ରତିରୋଧକ ଲୁଣାବନ୍ଧ ପ୍ରକଳ୍ପରେ ଭଦ୍ରକ ଜିଲାକୁ ସାମିଲ କରାଯାଇଛି। ଏଥିପାଇଁ ଭଦ୍ରକ ବିଜେଡି ପକ୍ଷରୁ ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଜନା କମିଟି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ସୂଚନା ଦେଇ କହିଛନ୍ତି, ଶୁକ୍ରବାର କ୍ୟାବିନେଟରେ ରାଜ୍ୟର ୩୬ଟି ଲୁଣାବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବା ବେଳେ ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହା ୨୦୨୨–୨୩ ଆର୍ଥିକ ବର୍ଷରେ ଆରମ୍ଭ ହୋଇ ୨୦୨୪–୨୫ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ କରାଯିବ। ଏଥିରେ ଭଦ୍ରକ ଜିଲାର ୨ଟି ପ୍ରକଳ୍ପକୁ ସାମିଲ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫୦ କୋଟି ୩୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ୨୫ କି.ମି. ଲୁଣାବନ୍ଧ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ସାଳନ୍ଦୀ କେନାଲ ଡିଭିଜନ ଅଧୀନରେ ଚାନ୍ଦବାଲି ବ୍ଲକର ଓରାସାହି, ଚଡ଼ତିଆ, ବନ୍ଧା, ନେଢୁଆଳି ପଞ୍ଚାୟତର ୧୦ ଗ୍ରାମର ୧୪,୪୫୦ ଲୋକ ଉପକୃତ ହେବେ। ୩,୫୦୦ ହେକ୍ଟର ଚାଷଜମି ଲୁଣାପାଣି ମାଡ଼ିଯିବା ବିପଦରୁ ସୁରକ୍ଷିତ ରହିବ। ଏହି ଲୁଣାବନ୍ଧ ନିର୍ମାଣ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟରୁ ସମୁଦ୍ର ଉପକୂଳବାସୀ, ଜନବସତିକୁ ସୁରକ୍ଷା ପ୍ରଦାନ କରାଯାଇପାରିବ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଅଶୋକ ବଳ, ବିଜେଡି ନେତା ମଳୟ ଯେନା ପ୍ରମୁଖ ଖବରଦାତା ସମ୍ମିଳନୀରେ ଥିଲେ।

# ନିଶାମୁକ୍ତ ସଚେତନତା ଶୋଭାଯାତ୍ରା



ପୌରପାଳିକା ପକ୍ଷରୁ ଶୋଭାଯାତ୍ରାରେ ନିଶାମୁକ୍ତ ନେଇ ସଚେତନ କରାଯାଉଛି।

ବାସୁଦେବପୁର, ୧୩।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ପକ୍ଷରୁ ନିଶାମୁକ୍ତ ଭାରତ ବର୍ଷ ଗଠନ ଲକ୍ଷ୍ୟରେ ଜନସଚେତନତା ସୃଷ୍ଟି ପାଇଁ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି। ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ ଶୋଭାଯାତ୍ରାକୁ ଶୁଭାରମ୍ଭ କରିବା ସହ ଏଥିରେ ସାମିଲ ହୋଇଥିଲେ। ପୌରପାଳିକା କର୍ମଚାରୀ, ସ୍ୱଚ୍ଛସାଥୀ, ସୁପରଭାଇଜର ଓ ମହିଳା ଗୋଷ୍ଠୀର ସଦସ୍ୟାମାନେ ଏଥିରେ ଯୋଗଦେଇ ନିଶାଦ୍ରବ୍ୟ ସେବନ ନ କରିବା ପାଇଁ ଲୋକଙ୍କୁ ବୁଝାଇଥିଲେ। ଏଥିସହ ନିଶାଦ୍ରବ୍ୟ ସେବନ କଲେ ଏହାର ପରିଣାମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ପୌର କର୍ମଚାରୀ ଲଳିତେନ୍ଦୁ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ଆତ୍ମହତ୍ୟା

ବାହାନଗା, ୧୩।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ଗ୍ରାମର ଜଣେ ନାବାଳିକା (୧୭) ଶୁକ୍ରବାର ରାତିରେ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ସଙ୍ଗେ ସଙ୍ଗେ ଗୋପାଳପୁର ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେହିପରି ନୂଆପୁର ଗ୍ରାମର ଶରତ ସାହୁ(୪୮) ବିବାହ ପରେ ବାଲେଶ୍ୱରସ୍ଥିତ ଶ୍ୱଶୁର ଘରେ ରହି ଏକ କମ୍ପାନୀରେ କାମ କରୁଥିଲେ। ଶନିବାର ସକାଳେ ବଜାରକୁ ପରିବା ଆଣିବାକୁ ଯାଇ ଘରକୁ ଫେରିବା ପରେ ନିଜ ଶ୍ୱଶୁର ଘର ପଛପଟେ ଏକ ଗଛରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ବାଲେଶ୍ୱର ପୋଲିସ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରିଛି।

# ବିଜ୍ଞାନରେ ସୁଦୀକ୍ଷା, କଳାରେ ଅଞ୍ଜଳି, ବାଣିଜ୍ୟରେ ଆଲିଶା ଟପ୍ପର

ବାରିପଦା ଅଫିସ, ୧୩।୮

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର +୩ ଫାଇନାଲ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏଥିରେ ଛାତ୍ରୀମାନେ ଆଗୁଆ ରହି ଛାତ୍ରଙ୍କୁ ପଛରେ ପକାଇଛନ୍ତି। କଳାରେ ୭,୬୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୬,୨୨୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୪୦୬୮ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୧୧୧ଜଣ ପ୍ରଥମ ଶ୍ରେଣୀରେ, ୨୨୫ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ ଓ ୫୯ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ୧୧୧୭ଜଣ ଫେଲ ହୋଇଥିବା ବେଳେ ୨୪୫ଜଣଙ୍କର ଫଳାଫଳ ସ୍ଥଗିତ ରହିଛି ଓ ୧୫ଜଣ କପି କରି ଧରାପଡିଛନ୍ତି।

ସେହିପରି ବିଜ୍ଞାନରେ ୩୦୫୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨,୫୨୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୪୦୫ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୯୮୭ଜଣ ପ୍ରଥମ ଶ୍ରେଣୀରେ ଓ ଜଣେ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ ପାଇ କୃତକାର୍ଯ୍ୟ ହୋଇଛନ୍ତି। ୪୬୫ଜଣ ଫେଲ ହୋଇଥିବା ବେଳେ ୬୦ଜଣଙ୍କର ଫଳାଫଳ ସ୍ଥଗିତ ରହିଛି ଓ ୭ଜଣ କପି କରି ଧରାପଡିଛନ୍ତି ।

ବାଣିଜ୍ୟରେ ୪୯୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩୦୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୩୯ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୧୦୬ ଜଣ ପ୍ରଥମ ଶ୍ରେଣୀରେ ଓ ୩ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ ଓ ଜଣେ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ୧୭୫୦ଜଣ ଫେଲ ହୋଇଥିବା ବେଳେ ୩୧୭ଜଣଙ୍କର ଫଳାଫଳ ସ୍ଥଗିତ ରହିଛି ଓ ୨୬ଜଣ କପି କରି ଧରାପଡିଛନ୍ତି। ତିନୋଟି ବିଭାଗରେ ଟପ୍ପର ହୋଇଥବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନରେ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଛାତ୍ରୀ ସୁଦୀକ୍ଷା ମଣ୍ଡଳ ୧୩୨୫ନମ୍ବର, କଳାରେ କେନ୍ଦୁଝର ଜିଲା ହରିଚନ୍ଦନପୁର ବିବି କଲେଜର ଏଜୁକେଶନ ଛାତ୍ରୀ ଅଞ୍ଜଳୀ ମହାନ୍ତ ୧୩୦୨ନମ୍ବର ଓ ବାଣିଜ୍ୟ ବିଭାଗରେ ରାଇରଙ୍ଗପୁର ମହାବିଦ୍ୟାଳୟର ଅଲିଶା ରାମ ୧୨୧୦ନମ୍ବର ରଖି ଟପ୍ପର ହୋଇଛନ୍ତି ।

## ୨ ଚୋରା ମଦ ବେପାରୀ ଗିରଫ

ସୋର,(ଡି.ଏନ.ଏ.): ଶନିବାର ସକାଳେ ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏକ ସ୍କୁଟି ସହିତ ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇଜଣ ହେଲେ ଶିରାପୁର ଗ୍ରାମର ଗାୟତ୍ରୀ ଜେନା ଓ ସଇପୁର ଗ୍ରାମର ରାକେଶ ଜେନା। ସୋର ଅବକାରୀ ଅଧିକାରୀ ବିଶ୍ୱନାଥ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଶନିବାର ଅପରାହ୍ନରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ଉର୍ମିଳା ବେହେରା ଓ ଦେବାଶିଷ ମଲ୍ଲିକ ସାମିଲ ଥିଲେ।



## ଆଜି କ'ଣ କେଉଁଠି

ବାଲେଶ୍ୱର
- ଓଡ଼ିଆ ଲେଖିକା ସମ୍ମେଳନ। ସ୍ଥାନ: ହୋଟେଲ ଫାଣ୍ଟାସି, ବିସିସେନ ରୋଡ୍।ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ କାର୍ଯ୍ୟକ୍ରମ। ସ୍ଥାନ: ହୋଟେଲ ହରିପ୍ଲାଜା, ଆଇଟିଆଇ ଛକ। ସମୟ: ପୂର୍ବାହ୍ନ ୧୦ଟା

## ଗୋରୁକୁ ମାରି ମାଂସ ବିକ୍ରି ଅଭିଯୋଗ: ଜଣେ ଗିରଫ

କେନ୍ଦୁଝର, ୧୩।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ଶଗଡ଼ପଟା ପଞ୍ଚାୟତର ଖଡ଼ିବାହାଲୀ ଗ୍ରାମରେ ଏକ ଗୋରୁକୁ ପିଟି ପିଟି ମାରିଦେବା ପରେ ମାଂସ କାଟି ବିକିବା ଅଭିଯୋଗରେ ହରିଚନ୍ଦନପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଧର୍ମେନ୍ଦ୍ର ବାସ୍କେ। ତାଙ୍କ ଠାରୁ ମାଂସ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୬୫/୨୦୨୨) କରିଥିବା ଥାନା ଅଧିକାରୀ ଦେବକୀ ନାୟକ କହିଛନ୍ତି। ଏହି ଘଟଣାକୁ ସ୍ଥାନୀୟ ନମୋ ସେନା କର୍ମୀ ଜୟରାମ ମହାନ୍ତ, ଟଙ୍କ ମହାନ୍ତଙ୍କ ସମେତ କୁଦୁରୁ ମହାନ୍ତ ଖବର ପାଇ ପୋଲିସକୁ ସୂଚନା ଦେଇଥିଲେ।

## ଗ୍ରିଲ ଭାଙ୍ଗି କମ୍ପ୍ୟୁଟର ଚୋରି

ଚମ୍ପୁଆ,୧୩।୮(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଠାରେ ଥିବା କେ ବି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ଶୁକ୍ରବାର ରାତିରେ ଚୋରମାନେ ତାଲାଭାଙ୍ଗି ଲ୍ୟାବରେ ଥିବା ଲାପଟପ ଓ ମନିଟର ଚୋରି କରିନେଇଛନ୍ତି। ଚୋରମାନେ ବିଦ୍ୟାଳୟ ପାଚେରି ଡେଇଁ ଭିତରକୁ ପଶି ଗ୍ରିଲ ଭାଙ୍ଗିବା ସହିତ ପ୍ରାୟ ଲକ୍ଷେ ଟଙ୍କାର ଉପକରଣ ଚୋରି କରିନେଇଥିବା ଅନୁମାନ କରାଯାଉଛି। ଏ ନେଇ ପ୍ରଧାନ ଶିକ୍ଷକ ଥାନାରେ ଏତଲା ଦେଇଛନ୍ତି।

## ଜ୍ୱାଇଁ ହତ୍ୟାକାରୀ ଶ୍ୱଶୁର ଗିରଫ

ବାରିପଦା ଅଫିସ,୧୩।୮: ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜ ଓ ଡାକ୍ତରଖାନାରେ ବିଚାରାଧୀନ ଅଭିଯୁକ୍ତ ଜଣକ ଚିକିତ୍ସାଧୀନ ଅବସ୍ଥାରେ ଫେରାର ହୋଇଯାଇଥିଲେ। ଏନେଇ ଟାଉନ ପୋଲିସ ଏକ ମାମଲା (ନଂ.୪୨୦/୨୨) ରୁଜୁ କରି ଦୀର୍ଘ ସାଢେ ତିନି ମାସ ପରେ ଉକ୍ତ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗ ରାଜ୍ୟରୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଗାଙ୍ଗରାଜ ଅଞ୍ଚଳର ଦାମୋଦର ପୃଷ୍ଟି।

ସୂଚନା ଅନୁଯାୟୀ, ୨୦୨୨ ମସିହା ଏପ୍ରିଲ ୨୩ ତାରିଖରେ ଦାମୋଦରଙ୍କର କୌଣସି କାରଣକୁ ନେଇ ଜ୍ୱାଇଁ ଶ୍ୟାମସୁନ୍ଦରଙ୍କ ସହ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦାମଦୋର ଏକ କୁରାଢ଼ୀରେ ଶ୍ୟାମସୁନ୍ଦରଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ପ୍ରବଳ ରକ୍ତସ୍ରାବ ହୋଇ ଦୀର୍ଘ ସମୟ ଧରି ସେ ତଳେ ପଡି ରହିଥିଲେ। କିଛି ସମୟ ପରେ ଜ୍ୱାଇଁଙ୍କୁ ଖାଇବାକୁ ଦେବା ପାଇଁ ଶାଶୁ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥା ଦେଖିବା ପରେ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ବାରିପଦା ପିଆରଏମ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶ୍ୱାମସୁନ୍ଦରଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ କୁଳିଅଣା ପୋଲିସ ଏକ ହତ୍ୟା ମାମଲା (ନଂ. ୬୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଦାମୋଦରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଜେଲ କର୍ତ୍ତୃପକ୍ଷ ଗତ ଏପ୍ରିଲ ୩୦ରେ ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ। ୩୧ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରୁ ସେ ଫେରାର ହୋଇଯାଇଥିଲେ।

## ବଲାଣିରେ ନାବାଳକଙ୍କୁ ପିଟି ହତ୍ୟା ଘଟଣା: ୪ ଗିରଫ

ବଡ଼ବିଲ, ୧୩।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ବାଲାଗୋଡାସ୍ଥିତ ମୁଣ୍ଡାସାହିରେ ଜଣେ ନାବାଳକଙ୍କୁ ପିଟି ହତ୍ୟା ଘଟଣାରେ ପୋଲିସ ଶନିବାର ୪ଅଭିଯୁକ୍ତଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲାଗୋଡ଼ା ମୁଣ୍ଡାସାହି ଅଞ୍ଚଳରେ ରହୁଥିବା ବନମାଳୀ ମହାକୁଡ଼, ବୁତୁରୁ ପୂର୍ତ୍ତି, ନାକୁ ମହାକୁଡ଼ ଏବଂ ଗୁରୁଚରଣ ମୁଣ୍ଡା। ଏନେଇ ପୋଲିସ ଏକ ମାମଲା (ନଂ.୩୮/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୂଚନା ଅନୁଯାୟୀ, ଉକ୍ତ ହଟିଂ ଅଞ୍ଚଳରେ ରହୁଥିବା ଜଣେ ନାବାଳକ ଗତ ଗୁରୁବାର ରାତିରୁ ନିଖୋଜ ହୋଇଯାଇଥିବାବେଳେ ଶୁକ୍ରବାର ଅପରାହ୍ନରେ ମୃତଦେହକୁ ବାଲାଗୋଡା ମୁଣ୍ଡାସାହିର ଏକ ଗାତରୁ ମୃତଦେହ ଜବତ କରାଯାଇଥିଲା। ମୃତକଙ୍କ ପରିବାର ତରଫରୁ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲାବେଳେ ପୋଲିସ ୪ ଜଣଙ୍କୁ ଅଟକରଖି ପଚରାଉଚରା ଜାରି ରଖିଥିଲା।

# '୨୦୨୩ ସୁଦ୍ଧା କାନପୁର ଜଳସେଚନ ପ୍ରକଳ୍ପ ଶେଷ କର'

- ନିର୍ଦ୍ଦେଶ ଦେଲେ ମୁଖ୍ୟ ଶାସନ ସଚିବ
- ହଦଗଡ଼, କାଞ୍ଜିପାଣି ଘାଟିରେ ଇକୋ ଟୁରିଜିମ୍ ବ୍ୟବସ୍ଥା

କେନ୍ଦୁଝର, ୧୩।୮ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାକୁ ୨ ଦିନିଆ ଗସ୍ତରେ ଆସି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କାନପୁର ଜଳସେଚନ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ଅଗ୍ରଗତି ସମୀକ୍ଷା କରିଥିଲେ। ଜିଲାପାଳ ଆଶିଷ ଠାକ୍ରେ ଜଳସେଚନ ବିଭାଗ ବରିଷ୍ଠ ଯନ୍ତ୍ରୀ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି କାମର ପ୍ରକୃତ ସ୍ଥିତି ଅନୁଧ୍ୟାନ କରିଥିଲେ । କାନପୁର ଡ୍ୟାମ୍ ସ୍ପିଲ୍‌ୱେର ପ୍ରାୟ ୧୦୦ମିଟର ପାଖାପାଖି ଜାତୀୟ ରାଜପଥ ଯାଇଥିବାରୁ ନଦୀରୁ ପାଣି ନିମ୍ନଗାମୀ ପାଇଁ ହାଇ ଲେଭଲ୍ ପୋଲ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଏହା ପୂର୍ଣ୍ଣାଙ୍ଗ କରିବା ନିମନ୍ତେ ଧାର୍ଯ୍ୟ ହୋଇଥିଲା।

୨୦୨୩ ମସିହା ଶେଷ ସୁଦ୍ଧା ଡ୍ୟାମ୍ ଓ କେନାଲ କାର୍ଯ୍ୟ ଶେଷ କରି ଚାଷ ପାଇଁ ପାଣି ଯୋଗାଇବାକୁ ମୁଖ୍ୟ ଶାସନ ସଚିବ ମହାପାତ୍ର ଜଳସମ୍ପଦ ବିଭାଗ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ସହ ଜିଲାପାଳ ଆଶିଷ ଠାକ୍ରେ ଓ ଅନ୍ୟ ଅଧିକାରୀମାନେ।

କେନ୍ଦୁଝର ଜିଲାର ବାସୁଦେବପୁରଠାରେ ବୈତରଣୀ ନଦୀ ଉପରେ ନିର୍ମାଣାଧୀନ କାନପୁର ବହୁମୁଖୀ ଜଳସେଚନ ପ୍ରକଳ୍ପ ଦ୍ୱାରା ଚମ୍ପୁଆ, ଝୁମ୍ପୁରା, ପାଟଣା, କେନ୍ଦୁଝର ସଦର ଓ ଯୋଡା ବ୍ଲକ୍ ଅନ୍ତର୍ଗତ ୨୪୪ ଗ୍ରାମର ୨୯,୫୭୮ ହେକ୍ଟର ଜମି ଜଳସେଚିତ ହେବ। ଏହାଦ୍ୱାରା ଏହିସବୁ ଗ୍ରାମର ପ୍ରାୟ ୧,୪୪,୮୮୮ ଲୋକ ଉପକୃତ ହେବେ। ମୁଖ୍ୟ ଡ୍ୟାମ୍ ୭୮.୨୧ କି.ମି. ମୁଖ୍ୟ କେନାଲ୍, ୭୩.୭୩ କି.ମି. ଶାଖା କେନାଲ୍ ଏବଂ ୨୯୧.୫୫ କି.ମି. ମାଇନର, ସବ୍‌ମାଇନର କେନାଲ୍ ଆଦି ପ୍ରକଳ୍ପର ମୁଖ୍ୟାଂଶ। ଏହି ପ୍ରକଳ୍ପରୁ ୪.୨ ମେଗାୱାଟ୍ ଜଳ ବିଦ୍ୟୁତ୍ ଉତ୍ପାଦନ ହେବ। ପ୍ରକଳ୍ପରେ ସମୁଦାୟ ୨୪୩୮.୨୯ କୋଟି ଟଙ୍କା ବିନିଯୋଗ ହେବ। ତନ୍ମଧ୍ୟରୁ ରାଜ୍ୟ ସରକାର ୧୫୫୫.୨୬ କୋଟି ଏବଂ କେନ୍ଦ୍ର ସରକାର ୮୮୩.୦୩ କୋଟି ଯୋଗାଇବାର ବ୍ୟବସ୍ଥା ଥିବାର ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ୩୪୬୦ ମିଟର ଲମ୍ବ ଡ୍ୟାମ୍‌ର ପ୍ରାୟ ୮୬% ନିର୍ମାଣ ସରିଛି ଏବଂ ଅବଶିଷ୍ଟ ୧୪% ଅଂଶର ନିର୍ମାଣ ଦ୍ରୁତଗତିରେ ଚାଲିଛି । ସେହିପରି ସ୍ପିଲ୍‌ୱେର ୮୬ ଶତକଡା ଏବଂ କେନାଲ୍‌ର ୭୬ ଶତକଡା କାମ ସରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ପାଇଁ ସାପ୍ତାହିକ ଓ ମାସିକ କାର୍ଯ୍ୟସାରଣୀ ପ୍ରସ୍ତୁତ କରି ତାର ନିୟମିତ ଅନୁଧ୍ୟାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ପରେ ସେ କାଞ୍ଜିପାଣିଘାଟି ଓ ହଦଗଡ ଅଞ୍ଚଳ ପରିଦର୍ଶନ କରି ସେଠାରେ ଇକୋ-ପର୍ଯ୍ୟଟନ ସୁବିଧାର ଅଧିକ ବିକାଶ ସମ୍ଭାବନା ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କୁ ସାମିଲ୍ କରି ସେଠାରେ ଇକୋ ଟୁରିଜିମ ସୁବିଧା ସୃଷ୍ଟି ନିମନ୍ତେ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପ୍ରସ୍ତୁତି ପାଇଁ ଜିଲାପାଳ ଠାକ୍ରେ, ବନଖଣ୍ଡ ଅଧିକାରୀ ଧନରାଜ୍ ଏଚ୍.ଡି.ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଡିଆର୍‌ଡିଓରେ 'ହର୍ ଘର୍ ତ୍ରିରଙ୍ଗା'

## ସଂଗ୍ରହାଳୟ ନିର୍ମାଣ ଦାବି

ବାଲେଶ୍ୱର ଅଫିସ, ୧୩।୮

ବାଲେଶ୍ୱର ଚାନ୍ଦିପୁରରେ ଥିବା ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ପରିସରରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ଡିଆର୍‌ଡିଓର ବୈଜ୍ଞାନିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଛନ୍ତି। ସ୍ଥାନୀୟ ସରପଞ୍ଚ ତପନ ଜେନା ଯୋଗଦେଇ ଚାନ୍ଦିପୁରକୁ ଦୈନିକ ବହୁ ପର୍ଯ୍ୟଟକ ଆସୁଥିବାରୁ ସେଠାରେ ପିଏକ୍ସଇ ତରଫରୁ ଏକ ସଂଗ୍ରହାଳୟ ନିର୍ମାଣ ପାଇଁ ପିଏକ୍ସଇ ନିର୍ଦ୍ଦେଶକଙ୍କଠାରେ ଦାବି କରିଥିଲେ।

ପିଏକ୍ସଇ ପରିସରରେ ଥିବା ସେଣ୍ଟନାରୀ ପିଲର ପାଖରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପାନ୍ଥନିବାସ ସମ୍ମୁଖରେ ଡ. ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭାରତ ପାଇଁ ତାଙ୍କର ଥିବା ଅବଦାନକୁ ମନେ ପକାଇଥିଲେ। ସେଠାରେ ଅନୁଷ୍ଠିତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ପିଏକ୍ସଇର ନିର୍ଦ୍ଦେଶକ ଡି.କେ. ଯୋଶୀ ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ଭାରତର ଭବିଷ୍ୟତକୁ ଆକଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ସହଯୋଗୀ ନିର୍ଦ୍ଦେଶକ ଡ. ପିକେ ଦାସ ଗୁପ୍ତା, ଅନିରୁଦ୍ଧ ବୋଷ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଡିଆର୍‌ଡିଓ କାଉନସିଲ ଜେସିଏମ୍-୩ର ସଦସ୍ୟ ରବିନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପିଏକ୍ସଇ ବୈଜ୍ଞାନିକ ଅଭ୍ୟୁଦୟ ଦାସ ସଂଯୋଜନା କରିଥିଲେ। ପିଏକ୍ସଇର ଯୁଗ୍ମ ନିର୍ଦ୍ଦେଶକ ବି.କେ. ପଣ୍ଡା, ପିଏକ୍ସଇର ଉପନିର୍ଦ୍ଦେଶକ ସଞ୍ଜୟ ଦାସ, ଅଜିତ କୁମାର ସାହୁ, ଦେବଶର୍ମା ନାୟକ, ସୁକୁଲ ମାଝି, ପ୍ରଭାତ ଜେନା ଏବଂ ରଘୁନାଥ ମାରାଣ୍ଡି ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ବୈଜ୍ଞାନିକ (ଇ) ବିନୟକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସେଣ୍ଟନାରୀ ପିଲର ପାଖରେ ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିଗଣ।

# ପିଡିଙ୍କ ପ୍ରତିଶ୍ରୁତି ପରେ ଖୋଲିଲା ଟୋଲ୍ ପ୍ଲାଜା


ଝାରପୋଖରିଆ ଥାନାରେ ଆଲୋଚନା କରାଯାଉଛି।

ସାରସକଣା,୧୩।୮(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ କୁଡୁମୀସେନାର ରାଜ୍ୟ ସଭାପତି ଜୟମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସେନା ଏବଂ ଓଡ଼ିଶା ମୋଟର ଚାଳକ ମହାସଂଘ ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନାସ୍ଥିତ ୪୯ ନଂ. ଜାତୀୟ ରାଜପଥର ଝାରପୋଖରିଆ ଟୋଲପ୍ଲାଜାକୁ ଗତ ଜୁଲାଇ ୩୦ ସକାଳୁ ବନ୍ଦ କରିଥିଲେ। ଏନେଇ ପୂର୍ବ ନିର୍ଦ୍ଧାରିତ ଗତ ୩ ତାରିଖରେ ଝାରପୋଖରିଆ ଥାନାରେ ସମସ୍ତ ଦାବି ବାବଦରେ ପିଡି (ପ୍ରକଳ୍ପ ନିର୍ଦ୍ଦେଶକ)ଙ୍କ ସହ ଆଲୋଚନା ସତ୍ତ୍ୱେ ସମାଧାନ ହୋଇପାରି ନ ଥିଲା। ପିଡି ଜୟ ପ୍ରକାଶ ବର୍ମା ସାତ ଦିନ ସମୟ ନେଇଥିଲେ। ପିଡିଙ୍କ ପ୍ରତିଶ୍ରୁତି ମୁତାବକ ଶୁକ୍ରବାର ସନ୍ଧ୍ୟାରେ ଝାରପୋଖରିଆ ଥାନାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପିଡିଙ୍କ ଲିଖିତ ପ୍ରତିଶ୍ରୁତି ପରେ ଶନିବାର ସକାଳ ୮ଟାରୁ ଟୋଲପ୍ଲାଜା ଖୋଲାଯାଇ ଟୋଲ ଆଦାୟ କରାଯାଉଛି।

ବୈଠକରେ ନୂତନ ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ, ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦ, ଗୁଲୁ ନନ୍ଦ, ମୋଟର ଚାଳକ ସଂଘ ସଦସ୍ୟ ଏବଂ କୁଡୁମୀ ସେନା ସଦସ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ। ପିଡି ଜାତୀୟ ରାଜପଥ ପ୍ରାଧିକରଣ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ବହ୍ମେଛକ ଓଭରବ୍ରିଜ କାମ ୪୫ ଦିନ ମଧ୍ୟରେ ଆରମ୍ଭ ହେବାର ଲିଖିତ ପ୍ରତିଶ୍ରୁତି ଜାତୀୟ ରାଜପଥ ବିଭାଗ ତରଫରୁ କରାଯାଇଥିବା ଚିଠି ଦେଖାଇବା ପରେ ସମସ୍ତେ ଟୋଲପ୍ଲାଜା ଖୋଲିବା ନେଇ ଏକମତ ହୋଇଥିଲେ। ତେବେ ୪୫ ଦିନ ପରେ ମଧ୍ୟ ଓଭରବ୍ରିଜ କାମ ଆରମ୍ଭ ନ ହେଲେ ପୁଣି ଟୋଲପ୍ଲାଜା ବନ୍ଦ କରାଯିବ ବୋଲି ସେମାନେ କହିଥିଲେ। ତେବେ ଅଞ୍ଚଳର ଶିକ୍ଷାଗତ ଯୋଗ୍ୟତା ଥିବା ୩୦ଜଣ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦିଆଯିବା ସହ ଟୋଲପ୍ଲାଜା ନିକଟସ୍ଥ ତିନି କିଲୋମିଟର ଆଖପାଖ ସ୍ଥାନୀୟ ଜନସାଧାରଣଙ୍କ ନିଜସ୍ୱ ଚାରିଚକିଆ ଯାନକୁ ଯାତାୟାତ ନିମନ୍ତେ ଟୋଲମୁକ୍ତ କରାଯିବ ବୋଲି ମ୍ୟାନେଜର ପ୍ରକାଶ କରିଥିଲେ।

## ଅଘୋଷିତ ବିଦ୍ୟୁତ୍‌କାଟ ନେଇ ଅସନ୍ତୋଷ

ଯୋଡ଼ା,୧୩।୮(ଡି.ଏନ.ଏ.)

ବିଦ୍ୟୁତ୍ ବିଭାଗକୁ ଟାଟା ପାୱାର ନେବା ଦିନରୁ ଯୋଡା ଖଣି ଅଞ୍ଚଳରେ ଅନେକ ସମସ୍ୟା ଦେଖା ଦେଇଛି। ପ୍ରତି ସପ୍ତାହରେ ମରାମତି ପାଇଁ ଗୋଟିଏ ଦିନ ରଖିଥିବା ସତ୍ତ୍ୱେ ଦୈନିକ ଅଘୋଷିତ ବିଦ୍ୟୁତ୍‌କାଟ ସହରବାସୀ ଜୀବନଚର୍ଯ୍ୟାକୁ ଅସ୍ତବ୍ୟସ୍ତ କରୁଛି। ପ୍ରାୟ ଏକ ସପ୍ତାହ ହେବ ପ୍ରତିଦିନ କୋଡ଼ିଏରୁ ପଚିଶ ଥର ବିଦ୍ୟୁତ୍‌କାଟ ହେଉଛି। ଏପରି ହେବାଦ୍ୱାରା ଘରେ ଥିବା ଟିଭି,ଫ୍ରିଜ, ୱାଶିଂମେଶିନ ପ୍ରଭୃତି ଅନେକ ସମାଗ୍ରୀ ପୋଡି ଯିବାର ସମ୍ଭାବନା ରହୁଛି। ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଘରୋଇକରଣ ହେବା ଶୁଣି ଲୋକ ଖୁସି ହୋଇଥିଲେ ହେଲେ ଟାଟା ପାୱାର ପାଇଁ ଲୋକ ନାହିଁ ନ ଥିବା ହଇରାଣ ହେଉଥିବା ଅଭିଯୋଗ ହେଉଛି। କିଛି ଲୋକ ଅଭିଯୋଗ କରିଛନ୍ତି ଯେ, ବିଦ୍ୟୁତ ବିଲ କଲେକ୍ସନ ପାଇଁ ଦିନକୁ ଦୁଇ ଥର ବିଦ୍ୟୁତ୍ କର୍ମଚାରୀ ଗ୍ରାହକଙ୍କ ଘରେ ପହଞ୍ଚି ଯାଉଛନ୍ତି। ହେଲେ ବାରମ୍ବାର ବିଜୁଳି କଟୁଛି ବୋଲି ଅଭିଯୋଗ କଲେ ସେମାନେ ନୀରବ ରହୁଛନ୍ତି ଏବଂ ବିଜୁଳି ବିଲ ଦେବାକୁ ବାଧ୍ୟ କରୁଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପୌରପାଳିକା ପକ୍ଷରୁ ତ୍ରିରଙ୍ଗା ବଣ୍ଟନ

ଯୋଡ଼ା,୧୩।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ପକ୍ଷରୁ ହର ଘର ତ୍ରିରଙ୍ଗା ନିମନ୍ତେ ପତାକା ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଯୋଡ଼ା ନଗରପାଳ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଯୋଡ଼ା ପୌରାଞ୍ଚଳରେ ଥିବା ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ବିନା ଶୁଳ୍କରେ ତ୍ରିରଙ୍ଗା ପ୍ରତି ଘରେ ପହଞ୍ଚାଇବା ଦାୟିତ୍ୱ ଦିଆଯାଇଛି । ଯୋଡା ପୌରପାଳିକା ପକ୍ଷରୁ ମୋଟ ୬ହଜାର ତ୍ରିରଙ୍ଗା ବଣ୍ଟନ କରାଯିବ ବୋଲି ଯୋଡା ନଗରପାଳ ସୂଚନା ଦେଇଛନ୍ତି।

## ତ୍ରିରଙ୍ଗା ଯାତ୍ରାରେ ସାମିଲହେଲେ ଭିନ୍ନକ୍ଷମ

କେନ୍ଦୁଝର, ୧୩।୮ (ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଦଳ, ସଂଗଠନ, ଶିକ୍ଷାନୁଷ୍ଠାନ, ଅଫିସ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହେଉଥିବାବେଳେ ଶନିବାର ହର ହର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭିନ୍ନକ୍ଷମଙ୍କ ଅଧିକାର ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ସଦ୍‌ଭାବନା ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ବିଦ୍ୟାଳୟ, ପୁର୍ନବାସ କେନ୍ଦ୍ର ଓ ଘରାଉଣ୍ଡା କେନ୍ଦ୍ରର ଅନ୍ତେବାସୀ ସମେତ ଶିକ୍ଷୟିତ୍ରୀଶିକ୍ଷକ ପତାକା ଧରି ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ନରଣପୁର ଅଞ୍ଚଳର ଘରେ ଘରେ ଜାତୀୟ ପତାକା ବାଣ୍ଟି ଦେଶ ଭକ୍ତିର ବାର୍ତ୍ତା ପହଞ୍ଚାଇଥିଲେ।



ସଦର ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା।

## ୫ଶହ ଫୁଟ୍‌ର ତ୍ରିରଙ୍ଗା ନେଇ ଶୋଭାଯାତ୍ରା

ବାଲେଶ୍ୱର ଅଫିସ, ୧୩।୮: ବାଲେଶ୍ୱର ସଦର ଭାଜପା ପକ୍ଷରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୫ଶହ ଫୁଟ୍‌ର ତ୍ରିରଙ୍ଗା ଶନିବାର ସହରର ସିନେମା ଛକରୁ ବାହାରି ସହର ପରିକ୍ରମା କରିଥିଲା। ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଭାରତ ମାତା କି ଜୟ ଓ ବନ୍ଦେ ମାତରମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ସିପ୍ରା ବାଜପେୟୀ, ରବୀନ୍ଦ୍ର ମହାପାତ୍ର, ଗୌରାଙ୍ଗ ଦାସ, ପର୍ଶୁରାମ ବେହେରା, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ପ୍ରବୀର ଶଙ୍କର ଦାଶ, ଲକ୍ଷ୍ମୀଧର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଳଦେବଜୀଉଙ୍କ ଜନ୍ମ ଦିବସ

ଭଦ୍ରକ ଅଫିସ,୧୩।୮

ଭଦ୍ରକ ଜିଲା ବଡ଼ମହିଷଗୋଠ ପଞ୍ଚାୟତ ନରାଜପୁର ବଡ଼ ଶାସନରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଜନ୍ମଦିବସ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ନିକଟସ୍ଥ ସାଳନ୍ଦୀ ନଦୀରୁ ଘଟୋତ୍ତଳନ କରାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ବଳଦେବଜୀଉଙ୍କ ନିକଟରେ ସ୍ଥାପନ କରାଯାଇଥିଲା। ପୂଜକଙ୍କ ଦ୍ୱାରା ଠାକୁରଙ୍କ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ଗ୍ରାମରେ ଗୋପୂଜନ କରାଯାଇଥିଲା। ଶିବ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗ୍ରାମର ସମସ୍ତ ଯୁବକ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ।

## ସୋର ଷ୍ଟେଶନଛକରୁ ବାଇକ୍ ଚୋରି

ସୋର, ୧୩।୮(ଡି.ଏନ.ଏ.): ଶନିବାର ଅପରାହ୍ନରେ ସୋର ଷ୍ଟେଶନ ଛକ ଓଭରବ୍ରିଜ୍ ତଳେ ରଖାଯାଇଥିବା ଏକ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୋର ପୌରପାଳିକା ଅଧୀନ ୧୯ନମ୍ବର ୱାର୍ଡ଼ର ତାରକ ବେହେରାଙ୍କ ଲୁଗା ଦୋକାନ ଆଗରେ ଏକ ବାଇକ୍(ନଂ.ଓଆର୦୧ଏଚ୍ ୨୮୬୪) ରଖିଥିଲେ। ସେ ଘରକୁଯିବା ପାଇଁ ବାହାରିବା ବେଳକୁ ବାଇକ୍ ନ ଥିବା ଦେଖି ବିଭିନ୍ନ ଆଡ଼େ ଖୋଜାଖୋଜି କରି ନ ପାଇବାରୁ ସୋର ଥାନାରେ ଅଭିଯୋଗ କରିଛନ୍ତି।

# ସଚେତନତା ଫକୀରମୋହନଙ୍କ ସାହିତ୍ୟର ବିଭବ

**'ଫକୀରମୋହନଙ୍କ ସାହିତ୍ୟରେ ସମକାଳୀନ ଇତିହାସ' ଶୀର୍ଷକ କର୍ମଶାଳା**

ବାଲେଶ୍ୱର ଅଫିସ,୧୩।୮

ବାଲେଶ୍ୱର ମଲ୍ଲିକାଶପୁରସ୍ଥିତ ଶାନ୍ତିକାନନ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଫକୀରମୋହନ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ 'ଫକୀରମୋହନଙ୍କ ସାହିତ୍ୟରେ ସମକାଳୀନ ଇତିହାସ' ଶୀର୍ଷକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ବହୁ ବିଶିଷ୍ଟ ସାହିତ୍ୟିକ, କବି, ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟରେ ଭରି ରହିଥିଲା ସଚେତନତା କରିଥିଲେ।

ଆଲୋଚନାଚକ୍ରକୁ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ଗବେଷକ ପ୍ରଫେସର ଦେବେନ୍ଦ୍ର କୁମାର ଦାଶ ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟରେ ସମକାଳୀନ ଇତିହାସ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ, କୋଲକାତାର ପୂର୍ବାଞ୍ଚଳ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣରେ ଓଡ଼ିଆ ଭାଷାର ଉନ୍ନତି ପାଇଁ ପଞ୍ଜିକୃତ ସାହିତ୍ୟାନୁଷ୍ଠାନ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନର ସହାୟତାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଆଗକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ବକ୍ତବ୍ୟ ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆହ୍ୱାନ କରିଥିଲେ। ସମ୍ପାଦକ ଦୀପକ ବୋଷ ପ୍ରାକ୍ କଥା ରଖିଥିବା ବେଳେ ସାହିତ୍ୟ ଏକାଡେମୀର ଓଡ଼ିଶା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କବି ବିମଳ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ମଧ୍ୟାହ୍ନ ଓ ଅପରାହ୍ନ ଅଧିବେଶନରେ ସ୍ୱଲିଖିତ ପ୍ରବନ୍ଧ ପାଠ କରାଯାଇଥିଲା। ଏହି ଅବସରରେ ପରିଷଦ ପକ୍ଷରୁ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବରିଷ୍ଠ ପ୍ରତିଭା ତାରାମଣି ମହାପାତ୍ର, ଚିତ୍ତରଞ୍ଜନ ସାହୁ, ଜଳଧର ପଣ୍ଡା, ତ୍ରିଦିବ କୁମାର ନାୟକ, ବିଦ୍ୟାଧର ରଥ, ଶିଶିର କୁମାର ମହାପାତ୍ର, କମଳଲୋଚନ ଦାଶ, ଶିବପ୍ରସାଦ ଦାଶ, ତରୁଣ କୁମାର ଚାଟାର୍ଜୀ, ସଦାନନ୍ଦ ଦାସ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ କବିସନ୍ଧି କାର୍ଯ୍ୟକ୍ରମରେ ଖ୍ୟାତିସମ୍ପନ୍ନ ଓଡ଼ିଆ କବି ମନୋରମା ବିଶ୍ୱାଳ ମହାପାତ୍ର ସ୍ୱସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।



କର୍ମଶାଳାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ବୋଧନ ଦେଉଛନ୍ତି।

## ବିସଲକଣା ଷ୍ଟ୍ରକ୍‌ଚରରୁ କେନ୍ଦୁଝରକୁ ବିଦ୍ୟୁତ୍ ସଂଯୋଗ ଯୋଜନାକୁ ବିରୋଧ

ଭଦ୍ରକ ଅଫିସ,୧୩।୮

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନିକଟରେ ଏକ ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଲୋ ଭୋଲ୍‌ଟେଜ, ବିଦ୍ୟୁତ୍ କାଟ୍ ଭଳି ସମସ୍ୟାରେ ସାମାନ୍ୟ ସୁଧାର ଆସିଛି। ହେଲେ କମ୍ପାନୀ ତା'ର କାରବାର ବୃଦ୍ଧି କରିବା ଲାଗି ବର୍ତ୍ତମାନ ବିସଲକଣା ଷ୍ଟ୍ରକ୍‌ଚରରୁ ନିକଟସ୍ଥ କେନ୍ଦୁଝର ଜିଲାର କେତୋଟି ପଞ୍ଚାୟତକୁ ବିଦ୍ୟୁତ୍ ଯୋଗାଇ ଦେବାକୁ ଯୋଜନା କରୁଛି। ଏହା ଜାଣିବା ପରେ ଆଗରପଡ଼ା ଆଞ୍ଚଳିକ ସୁରକ୍ଷା ପରିଷଦ ଏହାକୁ ବିରୋଧ କରିଛି। ପରିଷଦ ପକ୍ଷରୁ ଶିକ୍ଷାବିତ୍ ଚିତ୍ତରଞ୍ଜନ ସାମନ୍ତରାୟଙ୍କ ସଭାପତିତ୍ୱରେ ଏକ ଜରୁରିକାଳୀନ ବୈଠକ କରାଯାଇ ଏହି ଯୋଜନାକୁ ବିରୋଧ କରାଯାଇଛି। ବିସଲକଣା ଷ୍ଟ୍ରକ୍‌ଚରରୁ କେନ୍ଦୁଝର ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ କରାଗଲେ ପରବର୍ତ୍ତୀ ସମୟରେ ଆଗରପଡ଼ା ଅଞ୍ଚଳର ଉପଭୋକ୍ତାମାନେ ପୂର୍ବ ଭଳି ଅସୁବିଧାରେ ପଡ଼ିବେ। କମ୍ପାନୀ ପକ୍ଷରୁ ଏଭଳି ଜନମାରଣ ନୀତି ଆପଣାଇଲେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଏହି ପରିଷଦ ଚେତାବନୀ ଦେଇଛି। ବୈଠକରେ ଅଶୋକ ପରିଡ଼ା, ନନ୍ଦକିଶୋର ନାୟକ, ଚିନ୍ମୟ ସିଂହ, ଧୀରେନ୍ଦ୍ର ଷଡ଼ଙ୍ଗୀ, ପ୍ରଣୟ ସିଂହ, ବାବୁଲି ଖୁଣ୍ଟିଆ, ଚିତ୍ତରଞ୍ଜନ ରାମ ପ୍ରମୁଖ ଯୋଗ ଦେଇଥିଲେ।

